**ପାହାଡ଼ ଉପର ଗାଁରେ ମେଡିକାଲ ଟିମ୍**

**ପାତ୍ରପୁର,(ଡି.ଏନ.ଏ.):** ପାତ୍ରପୁର ବ୍ଲକ ବାଘଲଟି ଜଳଭଣ୍ଡାର ଆରପାରିରେ ଥିବା ଆଦିବାସୀ ଗ୍ରାମଗୁଡ଼ିକରେ ଜ୍ୱର ଆତଙ୍କ ଲାଗିଛି। ଏହି ଖବର ପ୍ରକାଶ ପରେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ଏକ ଟିମ୍ ସୋମବାର ସେହି ଅଞ୍ଚଳର କିଛି ଗ୍ରାମକୁ ଯାଇ ଆଦିବାସୀମାନଙ୍କର ବିଭିନ୍ନ ପ୍ରକାର ପରୀକ୍ଷା, ଟିକା ସହ ଔଷଧ ପ୍ରଦାନ କରିଛନ୍ତି। ଗତ ଶନିବାର ଖବର ପ୍ରକାଶ ପାଇବା ପରେ ଏଲଗଲ, ଶିରିଶିଗଣ୍ଡ, ମାଡୁଆ, ବେହେରାପୁଟୁ, ବଣିଆବସା ଏହି ୫ଟି ଆଦିବାସୀ ଗ୍ରାମରେ ମେଡିକାଲ ଟିମ୍ ପହଞ୍ଚି ଆଦିବାସୀମାନଙ୍କ ମ୍ୟାଲେରିଆ ଓ କୋଭିଡ୍ ପରୀକ୍ଷା କରିବା, ଛୋଟ ପିଲାମାନଙ୍କୁ ଟିକା ଦେବା ସହ ଥଣ୍ଡା ଜ୍ୱରରେ ଆକ୍ରାନ୍ତମାନଙ୍କୁ ଔଷଧ ପ୍ରଦାନ କରିଥିବା ଜଣାପଡ଼ିଥିବା ବେଳେ ଅନ୍ୟ କିଛି ଗ୍ରାମକୁ ଯାଇପାରିନାହାନ୍ତି। ଏ ନେଇ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀଙ୍କ ସହ ଯୋଗାଯୋଗ କରିବାରୁ ବର୍ଷା କମିବା ପରେ ଅନ୍ୟ ଗ୍ରାମଗୁଡ଼ିକୁ ଗସ୍ତ କରାଯିବ ବୋଲି କହିଛନ୍ତି।

## ସଂକ୍ଷେପରେ

### ସ୍ତ୍ରୀଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା, ସ୍ୱାମୀ ଜେଲ ଗଲେ

**ଦିଗପହଣ୍ଡି,୧୩।୯(ଡି.ଏନ୍.ଏ.):** ଦିଗପହଣ୍ଡି ବ୍ଲକ ଚଷାନିମଖଣ୍ଡି ଗ୍ରାମର ଲକ୍ଷ୍ମଣ ନାଇକଙ୍କୁ ସୋମବାର ସ୍ଥାନୀୟ ପୋଲିସ କୋର୍ଟ ଚାଲାଣ କରିଛି। ଥାନା ମାମଲା ନଂ. ୨୩୩/୨୧ ଅନୁଯାୟୀ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଦିଗପହଣ୍ଡି ସବ୍‌ଜେଲକୁ ପଠାଯାଇଛି। ଗତ ଶୁକ୍ରବାର ରାତିରେ ସ୍ତ୍ରୀ ଜାନକୀ ନାଇକଙ୍କ ସନ୍ଦେହଜନକ ମୃତ୍ୟୁ ଘଟିଥିଲା। ଶନିବାର ସକାଳେ ପୋଲିସ ମୃତଦେହ ଜବତ କରିଥିଲା। ପରେ ଲକ୍ଷ୍ମଣଙ୍କ ଶାଶୁ ବବି ନାୟକ ଥାନାରେ ପହଞ୍ଚି ଝିଅକୁ ହତ୍ୟା କରାଯାଇଥିବା ଏତଲା ଦେଇଥିଲେ। ବଡଗଡ ଥାନା ବାହାଁରପୁର ଗ୍ରାମର ଜୁରିଆ ନାଇକଙ୍କ କନ୍ୟା ଜାନକୀ ଗତ ପ୍ରାୟ ୮ ବର୍ଷ ପୂର୍ବେ ଲକ୍ଷ୍ମଣଙ୍କୁ ବିବାହ କରିଥିଲେ। ବିବାହ ପରଠାରୁ ସ୍ୱାମୀ ଲକ୍ଷ୍ମଣ ଜାନକୀଙ୍କୁ ଅଧିକା ଯୌତୁକ ପାଇଁ ଶାରିରୀକ ଓ ମାନସିକ ନିର୍ଯାତନା ଦେଉଥିଲେ ଏବଂ ଘଟଣା ଦିନ ରାତିରେ ତାଙ୍କୁ ସ୍ୱାମୀ ତଣ୍ଟି ଚିପି ହତ୍ୟା କରିଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଥିଲା। ଅପରପକ୍ଷରେ ଜାନକୀ ମାନସିକ ଭାରସାମ୍ୟ ହରାଇ ଆତ୍ମହତ୍ୟା କରିଥିଲେ ବୋଲି ଲକ୍ଷ୍ମଣ ପୋଲିସକୁ କହିଥିଲେ। ତେବେ ବ୍ୟବଚ୍ଛେଦ ରିପୋର୍ଟ ମିଳିବା ପରେ ହିଁ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଆଇଆଇସି ବସନ୍ତ କୁମାର ସେଠୀ କହିଛନ୍ତି।

### ବଂଶଧାରାରେ ନିଖୋଜ ଗଣେଶଙ୍କ ପତ୍ତା ମିଳୁନି

**କାଶୀନଗର,୧୩।୯(ଡି.ଏନ.ଏ):** କାଶୀନଗର ପଞ୍ଚମୁଖୀ ହନୁମାନ ମନ୍ଦିର ନିକଟ ବଂଶଧାରା ନଦୀରେ ଗତ ୯ରେ ୨ ନାବାଳକ ବୁଡ଼ିଯାଇଥିଲେ। ସେମାନଙ୍କ ମଧ୍ୟରୁ ରାତିରେ କାଶୀନଗର ମେନ୍‌ରୋଡ଼ ଅଞ୍ଚଳର ଚନ୍ଦ୍ରଶେଖର ସ୍ୱାଇଁଙ୍କ ପୁଅ ରଞ୍ଜନଙ୍କ ମୃତଦେହ ଜବତ କରାଯାଇଥିଲା। କିନ୍ତୁ ବନାମ ଗଣେଶଙ୍କ ପତ୍ତା ବର୍ତ୍ତମାନ ସୁଦ୍ଧା ମିଳୁନାହିଁ। ପୋଲିସ ବିଭାଗ ଉଦ୍ୟମରେ ଓଡ୍ରାଫ ଟିମ ଛତ୍ରପୁରରୁ ଆସି ନଦୀରେ ବହୁ ଉଦ୍ୟମ ଚଳାଇ ଶେଷରେ ଆନ୍ଧ୍ରପ୍ରଦେଶ ଗୋଟା ବ୍ୟାରେଜକୁ ଅନୁସନ୍ଧାନ ପାଇଁ ଯାଇ ମଧ୍ୟ ବିଫଳ ହୋଇ ଫେରିଲେ। କିନ୍ତୁ ନିଖୋଜ ଗଣେଶଙ୍କ ଖୋଜ ଖବର ମିଳିନି।

### ବିଜେଡିର ସମ୍ବର୍ଦ୍ଧନା ସଭା, ମିଶ୍ରଣ ପର୍ବ

**ଆସିକା,୧୩।୯(ଡି.ଏନ.ଏ.):** ଆସିକା ବ୍ଲକ ଆଲିପୁର ପଞ୍ଚାୟତ ଆଲିପୁର ଗ୍ରାମରେ ରବିବାର ବିଜେଡିର ସମ୍ବର୍ଦ୍ଧନା ସଭା ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା। ସରପଞ୍ଚ ମନୋଜ କୁମାର ନାହାକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆସିକା ଏମ୍‌ପି ପ୍ରମିଳା ବିଷୋୟୀ, ବିଧାୟିକା ମଞ୍ଜୁଳା ସ୍ୱାଇଁ, ଗଞ୍ଜାମ ଜିଲା ଜିଲା ପରିଷଦ ଅଧକ୍ଷା ସୋନମ ପୋଲାଇ, ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ବିଧାୟିକାଙ୍କ ଦ୍ୱାରା ପଞ୍ଚାୟତର ନବ ନିର୍ମିତ କୋଠା ଉଦ୍‌ଘାଟିତ ହୋଇଥିଲା। ଆଲିପୁର ପଞ୍ଚାୟତରେ କରୋନା ନିୟନ୍ତ୍ରଣରେ ଉଲ୍ଲେଖନୀୟ ସେବା ପ୍ରଦାନ ନିମନ୍ତେ ପ୍ରାୟ ୩୦ରୁ ଉର୍ଦ୍ଧ୍ୱ ଶିକ୍ଷକ, ସ୍ୱାସ୍ଥ୍ୟ କର୍ମୀ, ଅଙ୍ଗନୱାଡି କର୍ମୀ ଓ ଆଶାକର୍ମୀଙ୍କୁ ଅତିଥିମାନଙ୍କ ଦ୍ୱାରା ସମ୍ବର୍ଦ୍ଧିତ କରାଯାଇଥିଲା। ଅନୁଷ୍ଠିତ ସାଧାରଣ ସଭାରେ ବହୁ ଗ୍ରାମାଞ୍ଚଳର ନେତା ବିଜେଡିରେ ସାମିଲ ହୋଇଥିଲେ। ଦିଲୀପ ପାଣିଗ୍ରାହୀ, ଶିବ ନାହାକ, ଭଗବାନ ସାହୁ, ସତ୍ୟନାରାୟଣ ସ୍ୱାଇଁ, ସୂର୍ଯ୍ୟକାନ୍ତ ପରିଡା, ଅଭିମନ୍ୟୁ ନାହାକ, ଭଗବାନ ପ୍ରଧାନ, ମନୋଜ ଦୋରା, ରାଜେଶ ପଟ୍ଟନାୟକ, କଳ୍ପନା ଭୋଳ, ଶିବଶଙ୍କର ମହାନ୍ତି, ଧନମାଳି ଶିଅଙ୍କ ସମେତ ବହୁ ସରପଞ୍ଚ ଓ ସମିତି ସଭ୍ୟ ସାମିଲ ଥିଲେ।

### ବିଦ୍ୟୁତ୍ ସଂସ୍ପର୍ଶରେ ବୃଦ୍ଧ ମୃତ

**ରାୟଗଡ଼(ଗଜପତି),୧୩।୯(ଡି.ଏନ.ଏ.):** ରାୟଗଡ଼ ଥାନା ମାଲବା ପଞ୍ଚାୟତ ଅନ୍ତର୍ଗତ ପେକଟ ଗ୍ରାମରେ ସୋମବାର ବିଦ୍ୟୁତ୍ ସଂସ୍ପର୍ଶରେ ଆସି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସିମନ୍ ଶବର (୫୫)। ସିମନ୍ ଗାଈ ପାଇଁ ଘାସ କାଟୁଥିବା ବେଳେ ହଠାତ ବିଦ୍ୟୁତ୍ ତାର ଛିଣ୍ଡି ତାଙ୍କ ଉପରେ ପଡିଯାଇଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ ରାୟଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ପ୍ରତି ବର୍ଷ ବର୍ଷା ଦିନରେ ଉକ୍ତ ସ୍ଥାନରେ ବିଦ୍ୟୁତ୍ ତାର ଛିଣ୍ଡି ପଡୁଥିଲା। କିନ୍ତୁ ବିଭାଗୀୟ କର୍ମଚାରୀମାନେ ଉକ୍ତ ତାରକୁ ଯୋଡି ଚାଲିଯାଉଥିବାରୁ ଏଭଳି ଘଟଣା ଘଟିଥିବା ଅଭିଯୋଗ ହେଉଛି। ଗ୍ରାମରେ ଚାପା ଉତ୍ତେଜନା ଦେଖାଦେଇଛି। ତାଙ୍କ ପରିବାରକୁ କ୍ଷତିପୂରଣ ଦିଆ ନ ଗଲେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

# ବର୍ଷା ମୁକାବିଲା ପ୍ରସ୍ତୁତି ସମୀକ୍ଷା କଲେ ଜିଲାପାଳ

**ଗଞ୍ଜାମରେ ଲଗାଣ ବର୍ଷା ଜାରି**
- ସ୍ଥିତି ନିୟନ୍ତ୍ରଣରେ ଅଛି
- ୪୭.୫୪ ମିମି ବର୍ଷା ରେକର୍ଡ

**ଛତ୍ରପୁର,୧୩।୯(ଡିଏନଏ )**

ସ୍ୱତନ୍ତ୍ର ଗଞ୍ଜାମ ଜିଲାରେ ଦୁଇ ଦିନ ହେଲା ଲଘୁଚାପଜନିତ ବର୍ଷା ଲାଗି ରହିଛି । ୪୭.୫୪ ହାରରେ ୧୦୪୬ ମି.ମି. ବର୍ଷା ହୋଇଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ କୁହାଯାଇଛି । ଜିଲାର ବିଭିନ୍ନ ଅଞ୍ଚଳ ସହ ବହୁ ଚାଷ ଜମିରେ ପାଣି ଜମି ରହିଥିବା ଦେଖିବାକୁ ମିଳିଛି । ସମୁଦ୍ର ଅଶାନ୍ତ ଥିବାରୁ ମତ୍ସ୍ୟଜୀବୀମାନେ ମାଛ ମାରିବା ପାଇଁ ନ ଯିବାକୁ କୁହାଯାଇଛି । ବର୍ତ୍ତମାନ ସୁଦ୍ଧା କୌଣସି ଅଘଟଣ ଘଟି ନ ଥିବା ଜିଲା ଜରୁରିକାଳୀନ ବିଭାଗ ପକ୍ଷରୁ କୁହାଯାଇଛି । ବିଭିନ୍ନ ନଦୀର ଜଳସ୍ତର ବିପଦ ସଂକେତ ତଳେ ରହିଛି ।

ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଭିଡିଓ କନଫରେନ୍ସରେ ଜିଲାର ସମସ୍ତ ବିଡିଓ, ତହସିଲଦାର, କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ବ୍ରହ୍ମପୁର ମହାନଗର ନିଗମ କମିଶନରଙ୍କଠାରୁ ବର୍ତ୍ତମାନ ବର୍ଷାର ସ୍ଥିତି ସମ୍ପର୍କରେ ପଚାରି ବୁଝିବା ସହିତ ଆଗୁଆ ପ୍ରସ୍ତୁତ ରହିବାକୁ କହିଛନ୍ତି। ଜିଲାରେ ଝିପିଝିପି ବର୍ଷା ହେଉଛି। ଏଭଳି ଜାରି ରହିଲେ କୌଣସି ଅସୁବିଧା ଦେଖାଯିବ ନାହିଁ। ବର୍ଷାର ପରିମାଣ ବୃଦ୍ଧି ହେଲେ ପ୍ରଶାସନିକ କଳକୁ ପରବର୍ତ୍ତୀ କାର୍ଯ୍ୟପନ୍ଥା ସ୍ଥିର କରିବାକୁ ପଡିବ। ନଦୀ ଏବଂ ଡ୍ୟାମଗୁଡିକରେ ଜଳସ୍ତର ବର୍ତ୍ତମାନ ଠିକ ରହିଛି । କୌଣସି ଠାରେ ଅପ୍ରୀତିକର ପରିସ୍ଥିତି ଦେଖାଯାଇନାହିଁ । ଅଧିକାରୀମାନେ ଉପସ୍ଥିତ ରହି ଜଳସ୍ତର ପ୍ରତି ନଜର ରଖୁଛନ୍ତି । ଜୋର ବର୍ଷା ହେଲେ ବହୁ ପୁରାତନ କୋଠା ବା ଘର କାନ୍ଥ ଭୁଶୁଡିବା ସମ୍ଭାବନା ରହିଛି । ତେଣୁ ପୁରାତନ କୋଠା ଚିହ୍ନଟ କରି ସେଠାରେ ରହୁଥିବା ଲୋକଙ୍କୁ ସତର୍କ କରିବା ଏବଂ ଆବଶ୍ୟକ ହେଲେ ସ୍ଥାନାନ୍ତର କରିବାକୁ କୁହାଯାଇଛି । ଭୂମିର ଜଳ ଧାରଣ କ୍ଷମତା ପୂରଣ ହୋଇଗଲେ ପାଣି ନିଷ୍କାସନ ଦିଗରେ ପଦକ୍ଷେପ ଗ୍ରହଣ କରିବାକୁ ଅଗ୍ନିଶମ ବିଭାଗ ଏବଂ ଓଡ୍ରାଫ ଟିମ ପ୍ରସ୍ତୁତ ରହିଥିବା ରହିଛନ୍ତି। ଜଳପୂର୍ଣ୍ଣ ଅଞ୍ଚଳର ଲୋକଙ୍କୁ ସ୍ଥାନାନ୍ତର ସକାଶେ ରବର ବୋର୍ଟ ଏବଂ ପାଣି ନିଷ୍କାସନ ଯନ୍ତ୍ର ପ୍ରସ୍ତୁତ ହୋଇ ରହିଥିବା ସମ୍ପୃକ୍ତ ଅଧିକାରୀ ମାନେ ଜଣାଇଥିଲେ । କୌଣସିଠାରେ ଅପ୍ରିତିକର ପରିସ୍ଥିତି ଦେଖାଦେଲେ ତୁରନ୍ତ ଦୃଷ୍ଟିକୁ ଆଣିବାକୁ ଜିଲାପାଳ ଜଣାଇଛନ୍ତି। ଲୋକଙ୍କ ଧନଜୀବନକୁ ପ୍ରାଥମିକତା ଭିତ୍ତିରେ ସୁରକ୍ଷା ଦେବା ସକାଶେ ଜିଲାପାଳ ଗୁରୁତ୍ୱ ଦେଇଥିଲେ। ଲଘୁଚାପ ଜନିତ ବର୍ଷା ଯୋଗୁଁ ମରୁଡି ପରିସ୍ଥିତି ଦେଖାଦେଇଥିବା ଚାଷ ଜମିଗୁଡିକର ସୁଧାର ଆସିଛି। ଗଞ୍ଜାମ ଓ ଜଗନ୍ନାଥପ୍ରସାଦ ବ୍ଲକରେ ସର୍ବାଧିକ ୭୬ ମିମି ହାରରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ଛତ୍ରପୁରରେ ୫୮ ମିମି ବର୍ଷା , ପୁରୁଷୋତ୍ତମପୁରରେ ୪୨, କବିସୂର୍ଯ୍ୟନଗରରେ ୪୮, ପୋଲସରାରେ ୫୧.୮ ମିମି , କୋଦଳାରେ ୨୮.୫ମିମି, ଖଲ୍ଲିକୋଟରେ ୬୯ମିମି,ରଙ୍ଗେଇଲୁାରେ ୫୭ମିମି,କୁକୁଡ଼ାଖଣ୍ଡିରେ ୫୪ ମିମି, ଚିକିଟିରେ ୨୮ମିମି,ପାତ୍ରପୁରରେ ୨୫.୪ ମିମି, ସାନଖେମୁଣ୍ଡିରେ ୩୧ ମିମି, ଦିଗପହଣ୍ଡିରେ ୩୮ ମିମି, ଭଞ୍ଜନଗରରେ ୬୪ ମିମି, ବେଲଗୁଣ୍ଠାରେ ୪୭ ମିମି, ବୁଗୁଡାରେ ୫୭ ମିମି,ଆସିକାରେ ୪୩.୨ ମିମି, ଧରାକୋଟରେ ୪୫ ମିମି, ଶେରଗଡରେ ୩୪ ମିମି, ସୋରଡାରେ ୨୬ ମିମି ବର୍ଷା ହୋଇଛି ।

# ଗଜପତିରେ ୨ ପୋଲିସ ଅଧିକାରୀଙ୍କୁ ଡିଜିପି ଆୱାର୍ଡ





ଦୁଇ ଅଧିକାରୀଙ୍କୁ ଡିଜିପି ଆୱାର୍ଡ ପ୍ରଦାନ କରାଯାଉଛି।

**ଆର.ଉଦୟଗିରି,୧୩।୯(ଡି.ଏନ.ଏ.)**

ଗଜପତି ଜିଲାରେ କାର୍ଯ୍ୟରତ ଥିବା ୨ ପୋଲିସ ଅଧିକାରୀଙ୍କୁ ଉଲ୍ଲେଖନୀୟ ସେବା ପାଇଁ ଡିଜିପି ଆୱାର୍ଡ ପ୍ରଦାନ କରାଯାଇଛି। ସେମାନେ ହେଲେ ମୋହନା ଥାନାଧିକାରୀ ସୁଜିତ କୁମାର ନାୟକ ଓ ଆର.ଉଦୟଗିର ଏସ୍‌ଆଇ ହେମନ୍ତ ସେଠୀ। ନିଜ ପରିବାରକୁ ପଛରେ ପକାଇ କରୋନା ସମୟରେ ଲୋକଙ୍କୁ ସଚେତନ କରିବାରେ ଆଗଧାଡ଼ିରେ ଥିବା ମୋହନା ଥାନାଧିକାରୀ ସୁଜିତଙ୍କୁ ୫-ଟି ସରକାରଙ୍କ ନିର୍ଦ୍ଦେଶ କ୍ରମେ ରବିବାର ଜିଲା ଆରକ୍ଷୀ ଅଧିକ୍ଷକଙ୍କ କାର୍ଯ୍ୟାଳୟରେ ଏସ୍‌ପି ଜୟରାମ ଶତପଥୀଙ୍କ ସମ୍ମିଳନୀ କକ୍ଷରେ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ସେହିଭଳି ଆର.ଉଦୟଗିରିରେ କାର୍ଯ୍ୟରତ ଏସ୍‌ଆଇ ସେଠୀ ମଧ୍ୟ ବିଭିନ୍ନ ସମୟରେ ଠିକ ଭାବରେ ଚାର୍ଜସିଟ ଦାଖଲ କରିବା ସହ ଲୋକଙ୍କୁ ସଚେତନ କରାଇ ବିଭିନ୍ନ ସମୟରେ ଗଣ୍ଡଗୋଳକୁ ସମାଧାନ କରିବା ଓ ଲୋକଙ୍କୁ ସଦ୍‌ବ୍ୟବହାର ଦେଖାଉଥିବାରୁ ଡିଜିପି ଆୱାର୍ଡ ପାଇଛନ୍ତି। ଏସ୍‌ପି ଶତପଥିଙ୍କଠାରୁ ଏହି ପୁରସ୍କାର ପାଇ ମୋହନା ଥାନାଧିକାରୀ ଓ ଆର୍.ଉଦୟଗିରି ଏସ୍‌ଆଇ ୫-ଟି ସରକାର, ଡିଜିପି, ଏସ୍‌ପିଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସେହିଭଳି ଜିଲାରେ ଅନ୍ୟ ତିନି ଜଣ ପୋଲିସ କର୍ମଚାରୀ ମଧ୍ୟ ଡିଜିପି ଆୱାର୍ଡ ପାଇଛନ୍ତି।

# ମୌଳିକ ସମସ୍ୟା ସମାଧାନ ଲାଗି ଦାବିପତ୍ର

**ପାରଳାଖେମୁଣ୍ଡି,୧୩।୯(ଡି.ଏନ୍.ଏ.)**

ଗଜପତି ଜିଲା ରାୟଗଡ଼ ବ୍ଲକ ଗଙ୍ଗାବାଡ଼ ପଞ୍ଚାୟତରେ ଆନ୍ଧ୍ର- ଓଡ଼ିଶା ସୀମା ବିବାଦ ଲାଗି ରହିଛି। ଓଡ଼ିଶାରେ ଆନ୍ଧ୍ର ମନ୍ତ୍ରୀଙ୍କ ଗୁଣ୍ଡାରାଜ ପରେ ମାଣିକପାଟରାରେ ଯେଉଁ ପରିସ୍ଥିତି ଉପୁଜିଛି ଏଥିରେ ଅତିଷ୍ଠ ହୋଇ ସୁରକ୍ଷା ଯୋଗାଇ ଦାବିରେ ସୋମବାର ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି ଗଙ୍ଗାବାଡ଼ ପଞ୍ଚାୟତ ବାସୀ। ଜିଲାପାଳଙ୍କ ସହ ସାକ୍ଷାତ ନ ହେବାରୁ ଅତିରିକ୍ତ ଜିଲାପାଳ ସଂଗ୍ରାମ ଶେଖର ପଣ୍ଡାଙ୍କୁ ମୌଳିକ ସମସ୍ୟା ସମାଧାନ ପାଇଁ ଗଙ୍ଗାବାଡ ପଞ୍ଚାୟତ ବାସୀ ଏକ ଦାବିପତ୍ର ପ୍ରଦାନ କରିଛନ୍ତି।

ଉକ୍ତ ପଞ୍ଚାୟତର ମୌଳିକ ସମସ୍ୟାର ସମାଧାନ ପାଇଁ ଲୋକମାନେ ପ୍ରଶାସନ ପାଖରେ ଆଜିକୁ ତିନି ଦଶନ୍ଧିରୁ ଉର୍ଦ୍ଧ୍ୱ ସମୟ ହେଲାଣି ଦାବି କରି ଆସୁଥିଲେ। କିନ୍ତୁ ଲୋକଙ୍କୁ ଆନ୍ଧ୍ର ପ୍ରଲୋଭନ ଦେଖାଇ ନିଜ ଆଡକୁ ଆକୃଷ୍ଟ କରୁଥିଲା। ହେଲେ ଅଞ୍ଚଳକୁ ଏବେ ନିଜର ବୋଲି ଦାବି କରୁଛି। ଆଗକୁ



ଦାବିପତ୍ର ପ୍ରଦାନ କରିବାକୁ ଆସିଥିବା ଗଙ୍ଗାବାଡ଼ ପଞ୍ଚାୟତବାସୀ।

**ଗଙ୍ଗାବାଡ଼ ପଞ୍ଚାୟତ**

ମାଣିକପାଟଣା ଭଳି ସେହି ଅଞ୍ଚଳର ଅନ୍ୟ ୭ ଗ୍ରାମ ଚମ୍ପାପୁର, ବୁରୁସିଂ, ଅମାରିଂ, ମାଧିଆଖୋଲ, ଆଖଡ଼ା, ଗୁଡୁଖୁଡ଼ିରେ ମଧ୍ୟ ନିଜ ସ୍ଥିତି ଜାହିର କରିବାକୁ ଚେଷ୍ଟା କରୁଛି ଆନ୍ଧ୍ର। ତେବେ ଆନ୍ଧ୍ରର ଦାଦାଗିରି ଆଗରେ ଓଡ଼ିଶାରବାସୀ ଅସହାୟ ହୋଇପଡ଼ିଛନ୍ତି। ଏଥିପାଇଁ ସୋମବାର ଗଙ୍ଗାବାଡର ପୂର୍ବତନ ସରପଞ୍ଚ ହରିବନ୍ଧୁ କାର୍ଜୀ ମିଥ୍ୟା ମାମଲାରେ ଛନ୍ଦି ହୋଇ ପଞ୍ଚାୟତ ଲୋକଙ୍କ ସହ ମିଶି ନିଜର ଏବଂ ପଞ୍ଚାୟତ ବାସୀଙ୍କ ସୁରକ୍ଷା ଦାବିରେ ପ୍ରଶାସନର ଦ୍ୱାରସ୍ଥ ହୋଇଛନ୍ତି। ଏବଂ ଦାବି ପୂରଣ ନ ହେଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ପରିବାର ଓ ପଞ୍ଚାୟତ ବାସୀନ୍ଦା ଅନଶନରେ ବସିବେ ବୋଲି ସେ ଚେତାବନୀ ଦେଇଛନ୍ତି। ସେପଟେ ଅତିରିକ୍ତ ଜିଲାପାଳ କହିଛନ୍ତି ଯେ, ଲୋକଙ୍କ ମୌଳିକ ସମସ୍ୟାର ସମାଧାନ କରାଯିବ। କିନ୍ତୁ ଆନ୍ଧ୍ର ମନ୍ତ୍ରୀଙ୍କ ଦାଦାଗିରି ବିରୋଧରେ କାର୍ଯ୍ୟାନୁଷ୍ଠାନ ପ୍ରସଙ୍ଗକୁ ଏଡାଇ ଗଣମାଧ୍ୟମ ଆଗରେ କେବଳ ସରକାରୀ ନିର୍ଦ୍ଦେଶ ଅନୁସାରେ କାର୍ଯ୍ୟ କରାଯାଉଥିବା କହିଛନ୍ତି।

## ଶେରଗଡ଼ରେ ୧୦ ଘଣ୍ଟା ବିଦ୍ୟୁତ୍ କାଟ୍

**ଶେରଗଡ,୧୩।୯(ଡି.ଏନ.ଏ.)**

ଶେରଗଡ଼ରେ ଗତ ୫ ଦିନ ହେଲେ ବିଦ୍ୟୁତ୍ ବିଭ୍ରାଟ ଲାଗି ରହିଥିବା ବେଳେ ସୋମବାର ୧୦ ଘଣ୍ଟ ଧରି ବିଦ୍ୟୁତ୍ କାଟ୍ ହୋଇଛି। ବିଭାଗୀୟ ଅଧିକାରୀଙ୍କ ମନୋମୁଖୀ କାର୍ଯ୍ୟ ଯୋଗୁ ଶେରଗଡ଼ର ୫୦ଖଣ୍ଡ ଗ୍ରାମବାସୀ ବିଦ୍ୟୁତ୍ କାଟ୍ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲଗାଣ ବର୍ଷା ସାଙ୍ଗକୁ ଅଘୋଷିତ ବିଜୁଳି କାଟ ଗ୍ରାହକଙ୍କ ମଧ୍ୟରେ ତିବ୍ର ଅସନ୍ତୋଷ ସୃଷ୍ଟି କରିଛି। ଗତ ତିନି ବର୍ଷ ହେଲା ନିରବଛିନ୍ନ ଭାବେ ସେବା ପାଇନାହୁଁ ବୋଲି ଉପଭୋକ୍ତାମାନେ ବିଭିନ୍ନ ସମୟରେ ବିଜୁଳି ଫୋରମରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ବିଜୁଳି ବିଭ୍ରାଟ ନେଇ ଗଞ୍ଜାମ ଜିଲାପାଳଙ୍କୁ ଦୃଷ୍ଟି ଆକର୍ଷଣ କରାଯାଇଛି। ନିକଟସ୍ଥ ଦିଗପହଣ୍ଡି ,ସାନଖେମଣ୍ଡି ଅଞ୍ଚଳରେ ବିଜୁଳି ଥିବା ବେଳେ ମୁଖ୍ୟମନ୍ତ୍ରୀଙ୍କ ଅଞ୍ଚଳରେ ୧୦ ଘଣ୍ଟା ଧରି ବିଦ୍ୟୁତ୍ ବିଭ୍ରାଟ ଯୋଗୁ ଲୋକମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ଏ ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

# ୫ ଶିକ୍ଷକଙ୍କୁ ରୋଟାରି ସମ୍ମାନ



ଅତିଥି ଓ ଅନ୍ୟମାନଙ୍କ ଗହଣରେ ସମ୍ମାନିତ ଶିକ୍ଷକମାନେ।

**ଛତ୍ରପୁର,୧୩।୯(ଡି.ଏନ୍.ଏ.)**

ସମାଜର ଭବିଷ୍ୟତ ନାଗରିକ ଗଠନ ଦାୟିତ୍ୱ ଶିକ୍ଷକମାନଙ୍କ କାନ୍ଧରେ ନ୍ୟସ୍ତ। ତେଣୁ ଦାୟିତ୍ୱବାନ ଶିକ୍ଷକଙ୍କୁ 'ଦେଶ ନିର୍ମାତା' ଭାବେ ରୋଟାରି ଆନ୍ତର୍ଜାତିକ ପକ୍ଷରୁ ଯେଉଁ ସମ୍ମାନ ପ୍ରଦାନ କରାଯାଉଛି ତାହା ପ୍ରଶଂସନୀୟ ବୋଲି ଛତ୍ରପୁର ବ୍ଲକ ଶିକ୍ଷାଧିକାରୀ ଅବିନାଶ ଶତପଥୀ କହିଛନ୍ତି। ଛତ୍ରପୁର ରୋଟାରି କ୍ଲବ ପକ୍ଷରୁ ସଭାନେତ୍ରୀ ଏସ . ରେଖା ମହାନ୍ତିଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଇଓ ଶତପଥୀ ମୁଖ୍ୟଅତିଥି ଭାବେ ଯୋଗଦେଇ ୫ ଶିକ୍ଷକଙ୍କୁ ରୋଟାରି ମାନପତ୍ର ସହ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ଗୋଟିଏ ଲେଖାଏ ଚାରା ଦେଇ ସମ୍ମାନିତ କରିଥିଲେ। ଛତ୍ରପୁର ବ୍ଲକ କାଳିପଲ୍ଲୀ ଉପ୍ରା ବିଦ୍ୟାଳୟର ଶିକ୍ଷୟିତ୍ରୀ ପ୍ରଜ୍ଞା ପାରମିତା ପ୍ରଧାନ, ବଉଳଗାଁ ଉପ୍ରା ବିଦ୍ୟାଳୟର ଶିକ୍ଷକ ଜିତେନ୍ଦ୍ର କୁମାର ନାୟକ, କାଳିପଲ୍ଲୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସୀତାରାଣୀ ବେହେରା, ଗଞ୍ଜାମ ଏନଏସ ଜୟଶ୍ରୀ ଉପ୍ରା ବିଦ୍ୟାଳୟର ଶିକ୍ଷକ ବିପ୍ର ଚରଣ ସାହୁ, ଗଞ୍ଜାମ ବ୍ଲକ ହୁମ୍ମା ପ୍ରୋଜେକ୍ଟ ଉପ୍ରା ବିଦ୍ୟାଳୟର ଶିକ୍ଷକ ଦାମୋଦର ପଣ୍ଡାଙ୍କୁ ସମ୍ମାନିତ କରାଯାଇଥିଲା।

# ପିଅନପଡ଼ା ପୋଖରୀ ବନ୍ଧ ଧସିଲା

**ସୌନ୍ଦର୍ଯ୍ୟକରଣ ପାଇଁ ଖର୍ଚ୍ଚ ହେଉଛି କୋଟିଏରୁ ଉର୍ଦ୍ଧ୍ୱ**

**ଫୁଲବାଣୀ ଅଫିସ, ୧୩।୯**

ଫୁଲବାଣୀ ସହର ପିଅନପଡ଼ାରେ ଥିବା ପୌର ପରିଷଦର ଏକ ପୋଖରୀର ପୁନରୁଦ୍ଧାର କରାଯାଇ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ଚାଲିଛି । ଏଥିପାଇଁ କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟବରାଦ ହୋଇଛି । ହେଲେ ଆରମ୍ଭରୁ ଏହି କାମକୁ ନେଇ ପ୍ରଶ୍ନ ଉଠିଛି । କିଛି ଦିନ ପୂର୍ବେ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ ସରିଥିବା ପୋଖରୀ ବନ୍ଧ ଏବଂ ପଥର ପ୍ୟାଚିଂ କାର୍ଯ୍ୟ ନିମ୍ନମାନର ଯୋଗୁ ସୋମବାର ତାହା ଭୁଶୁଡ଼ି ପଡିଛି । ପଙ୍କ ଉଦ୍ଧାର ନାମରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହୋଇଥିବା କୁହାଯାଉଥିବା ବେଳେ ଆଦୌ ପଙ୍କ କଢ଼ାଯାଇ ନାହିଁ । ଏହି କାର୍ଯ୍ୟରେ ବ୍ୟାପକ ଜାଲିଆତି ଚାଲିଥିବା ଭାଜପା ପକ୍ଷରୁ ଅଭିଯୋଗ କରାଯାଇଛି।

ପିଅନପଡା ପୋଖରୀକୁ ନୂଆ ରୂପ ଦେବାକୁ ପ୍ରଶାସନ ପକ୍ଷରୁ ସ୍ଥିର କରାଯାଇଥିଲା । ପ୍ରଥମେ ପଙ୍କ ଉଦ୍ଧାର ପରେ ବନ୍ଧ କାର୍ଯ୍ୟ, ପଥର ପ୍ୟାଚିଂ ଆଦି କରାଯିବା ଏବଂ ପରେ ପୋଖରୀ ଚାରିପଟେ ଘାସର ଲନ, ରଙ୍ଗୀନ ଲାଇଟ ସହ ପୋଖରୀରେ ବୋଟିଂ ଲାଗି ଲକ୍ଷ୍ୟ ରଖାଯାଇଥିଲା । ପ୍ରାଥମିକ ପର୍ଯ୍ୟାୟରେ ଏଥିପାଇଁ ୧ କୋଟି ୨୦ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି । ବର୍ତ୍ତମାନ ସୁଦ୍ଧା ପୌର ପରିଷଦ ୬୭ ଲକ୍ଷ ଟଙ୍କା ଏହି ବାବଦରେ ପୂର୍ତ୍ତ ବିଭାଗକୁ ଦେଇଛି । କାମ ଆରମ୍ଭରୁ ଏହା କିପରି ହୋଇଛି ତାହା ଜଳଜଳ ଦିଶୁଛି । ପୂର୍ତ୍ତ ବିଭାଗ ଯନ୍ତ୍ରୀ ଉମାକାନ୍ତ ପୃଷ୍ଟି କୁହନ୍ତି, ଲଗାଣ ବର୍ଷାରୁ ପୋଖରୀ ଉପରମୁଣ୍ଡରେ ଥିବା ବ୍ୟକ୍ତିଗତ ସ୍ଥାନରେ ପାଣି ଜମିଗଲା । ପାଣି ନିଷ୍କାସନ ନ ହୋଇପାରିବାରୁ ବନ୍ଧ ଭୁଶୁଡିଗଲା । ଭାଙ୍ଗି ଯାଇଥିବା ସ୍ଥାନ ପୁଣି ମରାମତି ହେବ ବୋଲି କହିଛନ୍ତି। ଅନ୍ୟପକ୍ଷରେ ଭାଜପା ଜିଲା ଉପ ସଭାପତି ରମେଶ ଚନ୍ଦ୍ର ମହାନ୍ତି କହିଛନ୍ତି, ପୋଖରୀ ସୌନ୍ଦର୍ଯ୍ୟ କରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ହେଲେ ଏଥିରେ ଏତେ ଦୁର୍ନୀତି ହେଉଛି ଯେ, ତାହା ଅଳ୍ପ ବର୍ଷାରେ ବନ୍ଧ, ପଥର ପ୍ୟାଚିଂ ଧସିଯିବା ଘଟଣାରୁ ପ୍ରମାଣିତ ହୋଇଛି ।



ଧସି ଯାଇଥିବା ବନ୍ଧ ଏବଂ ପଥର ପ୍ୟାଚିଂ ।

## ଗଜପତିରେ ୨୭୨ ଜଣ ଦେଲେ ଏନ୍‌ଇଇଟି ପରୀକ୍ଷା

**ପାରଳାଖେମୁଣ୍ଡି,୧୩।୯(ଡି.ଏନ.ଏ.)**

ସାରା ଦେଶରେ ରବିବାର ନ୍ୟାଶନାଲ ଏଲିଜିବିଲିଟି କମ୍ ଏଣ୍ଟ୍ରାନ୍ସ ଟେଷ୍ଟ (ଏନଇଇଟି) ପରୀକ୍ଷା ହୋଇଥିଲା। ଗଜପତି ଜିଲାର ପାରଳାଖେମୁଣ୍ଡିରେ ପ୍ରଥମଥର ପାଇଁ ଏହି ପରୀକ୍ଷା ହୋଇଥିଲା। ସେଞ୍ଚୁରିଆନ ପବ୍ଲିକ ସ୍କୁଲ ଏବଂ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ରରେ ବିଭିନ୍ନ ଅଞ୍ଚଳରୁ ଆସିଥିବା ମୋଟ ୨୭୨ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଇଥିଲେ। ସେଥିରୁ ୧୮୦ ଜଣ ସେଞ୍ଚୁରିଆନ ପବ୍ଲିକ ସ୍କୁଲରେ ଓ ୯୨ ଜଣ କେନ୍ଦ୍ରୀୟ ବିଦ୍ୟାଳୟରେ ପରୀକ୍ଷା ଦେଇଛନ୍ତି। ସେଞ୍ଚୁରିଆନ ପବ୍ଲିକ ସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁନିତା ପାଣିଗ୍ରାହୀ ନଗର ସଂଯୋଜିକା ଭାବେ ପରୀକ୍ଷା ପରିଚାଳନା କରିଥିଲେ। ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟର ନିର୍ଦ୍ଦେଶକ ପ୍ରଶାସନ ଡ଼ ଦୁର୍ଗା ପ୍ରସାଦ ପାଢ଼ୀ ଏବଂ ଡ଼ ସୁଶାନ୍ତ ପଟ୍ଟନାୟକ ଅବଜରଭର ଭାବେ ଉପସ୍ଥିତ ଥିଲେ। କେନ୍ଦ୍ର ଅଧିକ୍ଷକ ଭାବେ ଜେ. କେ. ନାୟକ ଯୋଗ ଦେଇଥିଲେ।


**GOVERNMENT OF ODISHA** No.A-446
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER,**
**MAYURBHANJ IRRIGATION DIVISION, BARIPADA**
e-mail: exen.mid@gmail.com FAX/TEL: 06792-295472
**"E" PROCUREMENT NOTICE NO. 02MBJ/2021-22.**

| | | |
|---|---|---|
| 1. Name of works | : | Bank protection works, canal and road works as mentioned in the website. |
| 2. Total no. of works | : | 10 (Ten) nos. of work. |
| 3. Estimated cost | : | Varies from 7.96 lakhs to 32.70 lakhs |
| 4. Class of Contractor | : | 'D' & 'C' and 'C' & 'B' |
| 5. Period of completion | : | As mentioned against work. |
| 6. Other details as follows : | | |
| (i) Procurement Officer | : | Superintending Engineer, Mayurbhanj Irrigation Division, Baripada |
| (ii) Availability of Tender online for bidding | : | **15.09.2021 from 10.00 Hours to 29.09.2021 up to 17.00 Hours.** |
| (iii) Date, time and place of opening of Bid. | : | **On 30.09.2021 at 11.00 Hours** in the O/o the Superintending Engineer, Mayurbhanj Irrigation Division, Baripada |
| (iv) Date of Transparent Lottery to be conducted (if required) | : | **On dt. 05.10.2021 at 11.00 AM.** |
| 7. Further details can be seen from the 'e' Procurement Portal http://tendersorissa.gov.in | | |

**Sd./- Superintending Engineer,**
**Mayurbhanj Irrigation Division, Baripada**
OIPR-32158/11/0006/2122


# ଲଗାଣବର୍ଷା: ଜନଜୀବନ ଅସ୍ତବ୍ୟସ୍ତ, ୨ ୱାର୍ଡ ବିଚ୍ଛିନ୍ନ

**ଫୁଲବାଣୀ ଅଫିସ, ୧୩।୯**

ଲଘୁଚାପଜନିତ ଲଗାଣ ବର୍ଷା ସୋମବାର ଦିନତମାମ ଲାଗି ରହିଛି । ଏହାର ପ୍ରଭାବରେ ଫୁଲବାଣୀ ସହରବାସୀ ଘରୁ ବାହାରକୁ ବାହାରି ପାରି ନାହାନ୍ତି। ବର୍ଷା ପ୍ରଭାବରେ ସାଲୁଙ୍କୀ ନଦୀରେ ବନ୍ୟା ଜଳ ପ୍ରବାହିତ ହୋଇଛି। ଫଳରେ ନଦୀ ଖଣ୍ଡି ସାହିଠାରେ ଥିବା ଡ୍ୟାମ ଉପରେ ୨ ଫୁଟରୁ ଉର୍ଦ୍ଧ୍ୱ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହେଉଛି । ଡ୍ୟାମ ଉପରେ ପାଣି ଚାଲୁଥିବାରୁ ଡାକପାଲା, ଦାମିଙ୍ଗା ଆଦି ୨ଟି ୱାର୍ଡର ଲୋକେ ବିଚ୍ଛିନ୍ନ ହୋଇ ଯାଇଛନ୍ତି । ବର୍ଷା ଯୋଗୁ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ଲଗାଣ ବର୍ଷାକୁ ଦୃଷ୍ଟିରେ ରଖି ଜିଲାପାଳ ଗୋଟିଏ ଦିନ ସମସ୍ତ ସ୍କୁଲ ଛୁଟି ଘୋଷଣା କରଛନ୍ତି।

ସେହିପରି ଜିଲାର ଖଡଗ ନଦୀ, ସାଲୁଙ୍କୀନଦୀ, ରାହୁଲ ନଦୀ, ଚାଉଳଧୁଆ ନଦୀ, ବୁଢ଼ା ନଦୀରେ ବନ୍ୟାଜଳ ଆସିଛି। ଦାରିଙ୍ଗିବାଡ଼ି ଠାରେ ନିର୍ମାଣଧିନ ଏକ ବ୍ରିଜର ଡାଇଭରସନ୍ ରୋଡ ଧୋଇଯାଇଛି। ଯାହାଫଳରେ ଯାତାୟତର ସମସ୍ୟା ସୃଷ୍ଟି ହୋଇଛି । ଜିଲାର ୧୫ଟି ସ୍ଥାନରେ ଘର ଭାଙ୍ଗିଥିବା ବେଳେ କ୍ଷୟକ୍ଷତିର ସମ୍ପୂର୍ଣ୍ଣ ସୂଚନା ମିଳି ନ ଥିବା ଜିଲା ଆପତକାଳୀନ ଅଧିକାରୀ ପ୍ରଦ୍ୟୁମ୍ନ ମଣ୍ଡଳ କହିଛନ୍ତି। ରବିବାର ରାତିରୁ ସୋମବାର ସକାଳ ୮ଟା ପର୍ଯ୍ୟନ୍ତ ଜିଲାର ଖଜୁରିପଡ଼ାରେ ସର୍ବାଧିକ ୧୭୨ ମିମି ବର୍ଷା ହୋଇଥିବା ବେଳେ ଫୁଲବାଣୀରେ ୧୫୧ ମିମି, ଫିରିଙ୍ଗିଆରେ ୯୧ ମିମି, ଅନ୍ୟ ବ୍ଲକ ଅଞ୍ଚଳରେ ୬୯ ମିମି ଭିତରେ ବର୍ଷା ହୋଇଥିବା ରେକର୍ଡ କରାଯାଇଛି । ପୂର୍ବାହ୍ନ ୧୧ଟାରୁ ସନ୍ଧ୍ୟା ମଧ୍ୟରେ ଜିଲାରେ ୭୦ ମିମି ବର୍ଷା ହୋଇଥିବା ଜଣାପଡ଼ିଛି।



ଡାକପାଲା ବ୍ରିଜ ଉପରେ ଦୁଇ ଫୁଟ ଉଚ୍ଚର ପାଣି ।


**ସୋନପୁର ପୌର ପରିଷଦ କାର୍ଯ୍ୟାଳୟ, ସୁବର୍ଣ୍ଣପୁର**

**ପତ୍ର ସଂଖ୍ୟା: ୪୮୨୪** **ତା: ୦୯।୦୯।୨୦୨୧**

**No. C-947:-** ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ୱାର୍ଡ ନଂ. ୦୮ରେ ଥିବା ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନରୁ ୫ ଗୋଟି (କ୍ରମିକ ନମ୍ବର ୧ରୁ ୫) ଦୋକାନ ଗୃହଗୁଡ଼ିକ ଲଟେରୀ ଦ୍ୱାରା ଆବଣ୍ଟନ କରାଯିବ । ଆଗ୍ରହୀ ବ୍ୟକ୍ତିମାନେ ସୋନପୁର ପୌର ପରିଷଦ କାର୍ଯ୍ୟାଳୟରୁ ଟ.୨୦୦/- ମୂଲ୍ୟ ଦେଇ ଆବଶ୍ୟକ ଫର୍ମ କ୍ରୟ କରିପାରିବେ । ଏହା ସହିତ ଧାର୍ଯ୍ୟ ଅମାନତ ରାଶି ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ Executive Officer, Sonepur Municipalityଙ୍କ ନାମରେ ଜମା ଦେବେ । ତା୨୨।୦୯।୨୦୨୧ ଦିବା ୧୧.୦୦ଟା ସୁଦ୍ଧା ନିର୍ଦ୍ଧାରିତ ଦରଖାସ୍ତ ଫର୍ମରେ ନିଜର ସମ୍ପୂର୍ଣ୍ଣ ବିବରଣୀ, ଫର୍ମ କ୍ରୟ ରସିଦ ଓ ଅମାନତ ରାଶି ଡ୍ରାଫ୍ଟ ସହିତ କାର୍ଯ୍ୟାଳୟ ଟେଣ୍ଡର ବାକ୍ସରେ ଦାଖଲ କରିବେ । ତା୨୨।୦୯।୨୦୧୧ ଅପରାହ୍ନ ୧୨.୦୦ ଘଣ୍ଟା ସମୟରେ ପୌର ପରିଷଦ କାର୍ଯ୍ୟାଳୟରେ ଟେଣ୍ଡର ବାକ୍ସକୁ ଖୋଲାଯିବ ଏବଂ ସମସ୍ତ ଆବେଦନକୁ ଚୟନ କମିଟିକୁ ପରବର୍ତ୍ତୀ ପ୍ରକ୍ରିୟା ନିମନ୍ତେ ହସ୍ତାନ୍ତରଣ କରାଯିବ । ଏହାର ନିର୍ଦ୍ଧାରିତ ମୂଲ୍ୟ, ଅମାନତ ରାଶି ଓ ମାସିକ ଭଡ଼ାର ବିବରଣୀ ତଥା ବଣ୍ଟନ ସର୍ତ୍ତାବଳୀ ନିମ୍ନରେ ପ୍ରଦାନ କରାଗଲା ।

| କ୍ରମିକ ନଂ. | ଭେଣ୍ଡିଙ୍ଗ ଜୋନର ଅବସ୍ଥିତି | ଦୋକାନ ଗୃହର ଆକାର | ଅମାନତ ରାଶି | ଦୋକାନ ଗୃହର ମାସିକ ଭଡ଼ା |
|---|---|---|---|---|
| ୧ | ଉପ-ନିର୍ବାହୀ ଯନ୍ତ୍ରୀ (ରାସ୍ତା ଓ କୋଠା), ଉପ-ବିଭାଜନ, ସୋନପୁର କାର୍ଯ୍ୟାଳୟ ନିକଟ ତଥା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପାର୍ଶ୍ୱ ଭେଣ୍ଡିଙ୍ଗ ଜୋନ, ୱାର୍ଡ ନଂ.୮ | ୭'x୬' ଷ୍ଟଲ ନଂ.୧ରୁ ୫ (୫ ଗୋଟି) | ଟ.୧୦୦୦୦ | ଟ.୫୦୦ |

**ସର୍ତ୍ତାବଳୀ**

୧. ପୂର୍ବ ବର୍ଷର ବକେୟା ଥିବା କିମ୍ବା କଳା ତାଲିକାଭୁକ୍ତ ବ୍ୟକ୍ତି ଏଥିରେ ଅଂଶଗ୍ରହଣ କରିପାରିବେ ନାହିଁ ।
୨. ଏଥିରେ ଭାଗ ନେବା ବ୍ୟକ୍ତି ସୋନପୁର ପୌର ପରିଷଦ ଅଞ୍ଚଳର ସ୍ଥାୟୀ ବାସିନ୍ଦା ହୋଇଥିବେ ।
୩. ଗୋଟିଏ ପରିବାରର କେବଳ ଜଣେ ମାତ୍ର ବ୍ୟକ୍ତି ଆବେଦନ କରିପାରିବେ ।
୪. ଯେଉଁ ବ୍ୟକ୍ତିମାନେ Street Vendor ହିସାବରେ ସୋନପୁର ପୌର ପରିଷଦରେ ତାଲିକାଭୁକ୍ତ ଥିବେ କିମ୍ବା ପୌର ପରିଷଦରୁ Letter of recommendation (LOR) ପ୍ରାପ୍ତ ହୋଇଥିବେ ଏବଂ କୌଣସି ସ୍ଥାୟୀ ଦୋକାନ କରି ନ ଥିବେ କେବଳ ସେହି ବ୍ୟକ୍ତିବିଶେଷମାନେ ଆବେଦନ କରିପାରିବେ ।
୫. ସମସ୍ତ ଦରଖାସ୍ତକୁ ଏକ କମିଟି ଦ୍ୱାରା ଯାଞ୍ଚ କରାଯିବ ଏବଂ ଯୋଗ୍ୟ ବିବେଚିତ ଆବେଦନକାରୀଙ୍କ ମଧ୍ୟରେ ଲଟେରୀ ଦ୍ୱାରା ଚୟନ କରାଯିବ ।
୬. ଯେଉଁ ବ୍ୟକ୍ତିମାନେ ପୂର୍ବରୁ ଥିବା ପୌର ପରିଷଦ ଦୋକାନଗୃହ ପାଇଥିବେ ତାଙ୍କ ଆବେଦନକୁ ବିଚାରକୁ ନିଆଯିବ ନାହିଁ ।
୭. ଗଠନ ହୋଇଥିବା ଚୟନ କମିଟି ଦୋକାନ ଆବଣ୍ଟନ ବାବଦରେ ଚୂଡ଼ାନ୍ତ ନିଷ୍ପତ୍ତି ଗ୍ରହଣ କରିପାରିବେ ।

OIPR-13098/11/0004/2122 **ସ୍ୱା./- କାର୍ଯ୍ୟନିର୍ବାହୀ ଅଧିକାରୀ, ସୋନପୁର ପୌର ପରିଷଦ**

